## ANNUAL EXAMINATION, 2021-22

- Please check that this question paper contains **04** printed pages.
- Check that this question paper contains **14** questions.
- Write down the Serial Number of the question in the left side of the margin before attempting it.

## CLASS – VIII
## SUB : LOWER ODIA

**Time: 3 hours** **Maximum Mark:80**

| | | |
|---|---|---|
| ସୂଚନା-ଏହି ପ୍ରଶ୍ନପତ୍ରରେ ଚାରିଗୋଟି ବିଭାଗ ରହିଛି । | | |
| କ) ପଠନ | - Reading- 10 Marks | |
| ଖ) ଲିଖନ | -Writing- 15 Marks | |
| ଗ) ବ୍ୟାକରଣ | - Grammar- 25 Marks | |
| ଘ) ସାହିତ୍ୟ | -Literature-30 Marks | |
| ନିର୍ଦ୍ଦେଶ ଅନୁଯାୟୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । | | |

### 'କ' ବିଭାଗ

**୧. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(୨ x ୫ = ୧୦)**

ବଣ ପାହାଡ଼ ଘେରା ଏଇ ଆମ ଓଡ଼ିଶା ମୁଲକ । ପ୍ରକୃତିର ନିବିଡ଼ ଆକର୍ଷଣ ଯୁଗେ ଯୁଗେ ମଣିଷକୁ ଆକର୍ଷିତ କରିଛି ନିଜ ଆଡ଼କୁ । ଓଡ଼ିଶାର ବହୁ ଦର୍ଶନୀୟ ସ୍ଥାନ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏକ ସୁନ୍ଦର ଦର୍ଶନୀୟ ସ୍ଥାନ ହେଉଛି ବରଗଡ଼ ଜିଲ୍ଲାର ନୃସିଂହନାଥ । ନୃସିଂହନାଥ ଏଠାରେ ମାର୍ଜାର ରୂପେ ଅବସ୍ଥାପିତ । ଗନ୍ଧଗିରିର ଏହି ମନ୍ଦିରଟିକୁ କନ୍ଧମାନେ ତୋଳାଇଥିବାର କିମ୍ବଦନ୍ତୀ ଅଛି । ଏଠାରେ ରହିଛି ଅନେକ ମୂଲ୍ୟବାନ୍ କାଠଗଛ । ଶାଳ, ପିଆଶାଳ, ଶାଗୁଆନ ପ୍ରଭୃତି କାଠଗଛ ଓ ଅଁଳା, ହରିଡା, ବାହାଡ଼ା ଇତ୍ୟାଦି ଔଷଧୀୟ ଗୁଣଥିବା ଗଛ ଏଠାରେ ଅଛି । ଏଠାରେ ପ୍ରବାହିତ ହେଉଛି ପାପତାପନାଶିନୀ ଗୁପ୍ତଗଙ୍ଗା । ଚାରିଗୋଟି ମୁଖ୍ୟଧାରା ଭାବରେ ଏଠାରେ କପିଳଧାର, ସପ୍ତଧାର, ଭୀମଧାର ଓ ଚାଳଧାର ଇତ୍ୟାଦି କୁଳୁକୁଳୁ ନାଦରେ ପ୍ରବାହିତ ହୋଇ ପ୍ରଭୁ ନୃସିଂହନାଥଙ୍କ ପଦଧୌତ କରି ହୋଇଛି ଗତିଶୀଳ । ଏଠାରେ ଅନେକ ଔଷଧୀୟ ବୃକ୍ଷଥିବାରୁ ନିକଟରେ ଏକ ଆୟୁର୍ବେଦ ଚିକିତ୍ସାଳୟ ରହିଛି । ଏହା ବ୍ୟତୀତ ଏଠାରେ ରହିଛି ଅନେକ ଦେବାଦେବୀ ମନ୍ଦିର, ମଠବାଡ଼ି,

ପାନ୍ଥଶାଳା, ବନ୍ୟନର୍ସରୀ, ସଂସ୍କୃତ ଶିକ୍ଷାଳୟ, ଗୁରୁକୁଳ ବିଦ୍ୟାଳୟ ଓ ଅନେକ ଜନମଙ୍ଗଳକାରୀ ଅନୁଷ୍ଠାନ । ଏଠାରେ ଅବିବାହିତ ବ୍ରାହ୍ମଣମାନେ ପୂଜକ ରୂପେ କାର୍ଯ୍ୟ କରନ୍ତି । ବୈଶାଖ ମାସର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଏଠାରେ ଏକ ବିରାଟ ମେଳା ହୁଏ । ଏଠାକୁ ଓଡ଼ିଶା ଓ ଓଡ଼ିଶା ବାହାରୁ ଅନେକ ଭକ୍ତ ଓ ଦର୍ଶକ ଆସି ପହଞ୍ଚନ୍ତି ।

**ପ୍ରଶ୍ନ –**

(କ) ନୃସିଂହନାଥ ମନ୍ଦିର କେଉଁ ଜିଲ୍ଲାରେ ଅବସ୍ଥିତ ?

(ଖ) ନୃସିଂହନାଥ ମନ୍ଦିରକୁ କିଏ ତୋଳାଇଥିବାର କିମ୍ବଦନ୍ତୀ ଅଛି ?

(ଗ) ଏଠାରେ ଏକ ଆୟୁର୍ବେଦ ଚିକିତ୍ସାଳୟ ଥିବାର କାରଣ କ'ଣ ?

(ଘ) ପ୍ରଭୁ ନୃସିଂହନାଥଙ୍କ ପଦଧୌତ କରି କିଏ ଗତିଶୀଳ ହୋଇଛି ?

(ଙ) ନୃସିଂହନାଥ ମନ୍ଦିରରେ  କେଉଁମାନେ ପୂଜକରୂପେ କାର୍ଯ୍ୟ କରନ୍ତି ?

## 'ଖ' ବିଭାଗ

**୨. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** **(୮)**

ବ୍ୟାୟାମର ଉପକାରିତା, ଛାତ୍ର ଜୀବନରେ ଶୃଙ୍ଖଳା, ମହାପୁରୁଷଙ୍କ ଜୀବନୀ ପାଠର ଉପାଦେୟତା

**୩.** କରୋନା ମହାମାରୀ ସମୟରେ ତୁମେ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ି କିପରି ବାର୍ଷିକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଛ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ । **(୭)**

**କିମ୍ବା**

ମୋବାଇଲ୍‌ର ଅପବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇ  ସାନଭାଇ ନିକଟକୁ ପତ୍ର ଲେଖ ।

## 'ଗ' ବିଭାଗ

**୪. ବାକ୍ୟଗଠନ କର । (୪ ଟିର)** **(୧x୪=୪)**

ମନୋହର, ଅନୁଗତ, ନିବାରଣ, ମୃତ୍ୟୁଞ୍ଜୟୀ, ଅବରୋଧ

**୫. ବିପରୀତାର୍ଥବୋଧକ ଶବ୍ଦ ଲେଖ । (୪ ଟିର)** **(୧x୪=୪)**

ଲଳିତ, ବିରାଗ, ନିରକ୍ଷର, ଜ୍ଞାନୀ, ମନଯୋଗ

**୬. ଲିଙ୍ଗ ପରିବର୍ତ୍ତନ  କର । (୪ ଟିର)** **(୧x୪=୪)**

ଦାଦି, ଗୋସିବାପ, ଶିଷ୍ୟ, ବାଘ, ଭାଇ

**୭. ଶବ୍ଦାର୍ଥ ଲେଖ । (୪ ଟିର)** **(୧x୪=୪)**

ନିଶାଚର, ଯମଜ, ଅମିୟ, ଅଦମ୍ୟ, ବିକଳାଙ୍ଗ

**୮.ଅର୍ଥଗତ ପାର୍ଥକ୍ୟ ଲେଖ । (୩ ଟିର)** **(୧x୩=୩)**

ନିଶା-ନିଶା, ଶ୍ରୁତି-ଶ୍ରୁତି, କୁଳ-କୂଳ, ଗୁଣି-ଗୁଣୀ

**୯. ଗଦ୍ୟରୂପ ଲେଖ । (୩ ଟିର)** **(୧x୩=୩)**

ହରଷ, କଉତୁକ, ସରଗ, ମରତ

**୧୦. ଗୋଟିଏ ଲେଖାଏଁ ପ୍ରତିଶବ୍ଦ ଲେଖ । (୩ ଟିର)** **(୧x୩=୩)**

କାନନ, ଜନନୀ, ତରୁ, ବସନ

## 'ଘ' ବିଭାଗ

**୧୧. ସଂକ୍ଷେପରେ ଉତ୍ତର ଲେଖ । (୫ ଟିର)** **(୨ x ୫ = ୧୦)**

(କ) ଦଶରଥ କେଉଁ ପରିସ୍ଥିତିରେ ପ୍ରାଣ ତ୍ୟାଗ କଲେ ?

(ଖ) ଭରତ ଚିତ୍ରକୂଟରୁ ଫେରି କିଭଳି ରାଜ୍ୟ ଶାସନ କଲେ ?

(ଗ) ଆଚାର୍ଯ୍ୟଙ୍କ ଶେଷ ଜୀବନ କିପରି କଟିଥିଲା ?

(ଘ) ନଚିକେତା କାହିଁକି ବିସ୍ମିତ ଓ ମର୍ମାହତ ହେଲେ ?

(ଙ) ଯମ ନଚିକେତାଙ୍କୁ ରତ୍ନମାଳ ପିନ୍ଧାଇ ଦେଲେ କାହିଁକି ?

(ଚ) ସଡ଼କ ସତର୍କତା ସମ୍ପର୍କରେ ଆମେ ସଚେତନ ହେବା କାହିଁକି ?

**୧୨. ସଂକ୍ଷେପରେ ଉତ୍ତର ଲେଖ । (୫ ଟିର)** **(୨x୫=୧୦)**

(କ) ଶ୍ରୀକୃଷ୍ଣ କିପରି ଯଶୋଦାଙ୍କର ସୁଖର କାରଣ ଥିଲେ ?

(ଖ) ସାରଳା ଦାସ କାହିଁକି ବିଖ୍ୟାତ ?

(ଗ) ସଂସାରରେ ଗୀତର ଆବଶ୍ୟକତା କ'ଣ ?

(ଘ) 'ଆଲୁଅଠାରୁ ଅନ୍ଧାର ଭଲ' ବୋଲି କାହିଁକି କୁହାଯାଇଛି ?

(ଙ) ଯଶୋଦା ନିଜକୁ ଡଙ୍କୁଣୀ ବୋଲି କାହିଁକି କହିଛନ୍ତି ?

(ଚ) ପୁଅ କିପରି ଓଡ଼ିଆ ବୋଲି ଗର୍ବର ସହ ମଥାଟେକି ଚାଲିପାରିବ ?

**୧୩. ଠିକ୍ ଉତ୍ତରଟି ବାଛି ଲେଖ ।** **(୧x ୫=୫)**

(କ) ଜନକ କେଉଁ ରାଜ୍ୟର ଅଧିପତି ଥିଲେ ?

(୧) ଅଯୋଧ୍ୟା (୨) ମିଥିଳା (୩) କିଷ୍କିନ୍ଧ୍ୟା (୪) ଲଙ୍କା

(ଖ) ମୃତ୍ୟୁର ଦେବତା କିଏ ?

(୧) ଇନ୍ଦ୍ର (୨) ବରୁଣ (୩) ସୂର୍ଯ୍ୟ (୪) ଯମ

(ଗ) ଗାଡ଼ି ଅଟକିବା ପାଇଁ ଟ୍ରାଫିକ୍ ଛକରେ କେଉଁ ବତୀ ସୂଚନା ଦିଏ ?

(୧) ଲାଲ୍ (୨) ନୀଳ (୩) ହଳଦିଆ (୪) ବାଇଗଣୀ

(ଘ) କ୍ଷୁଦ୍ର ଜଳଧାରାକୁ କିଏ ଅତିକ୍ରମ କରିପାରିଛି ?

(୧) ଶାମୁକା (୨) ତରଣୀ (୩) ଗେଣ୍ଡା (୪) ତରଣି

(ଙ) କେଉଁ ସମ୍ରାଟଙ୍କର ଗୁମ୍ଫାସବୁ ଖଣ୍ଡଗିରି ଉଦୟଗିରିରେ ଦେଖିବାକୁ ମିଳେ ?

(୧) ଖାରବେଳ (୨) ଅଶୋକ (୩) ଆକବର (୪) କପିଳେନ୍ଦ୍ରଦେବ

**୧୪. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । (୫)**

(କ) ଗରିବ ଚକୁଳିଆ ପଣ୍ଡା ଓ ତା' ମାଆ ଧନୀ ହେଲେ କିପରି ?

(ଖ) ରାଜା ଏବଂ ଦୋକାନୀ ପରସ୍ପରକୁ ଦେଖିବା ପରେ ମନଭିତରେ କ'ଣ କ'ଣ ଭାବିଲେ ?

**********